୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ
Bhubaneswar Friday December 19 ଭୁବନେଶ୍ୱର ଶୁକ୍ରବାର, ୧୯, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


## ସ୍ୱର ସୁଧା ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ଓ ଗୁରୁ ପଣ୍ଡିତ ହରମୋହନ ଖୁଁଟିଆ ପୁରସ୍କାର ବିତରଣ ଉତ୍ସବ

ଭୁବନେଶ୍ୱର,(ପି.ଏନ): ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପଠାରେ ୧୯ ତାରିଖ ଦିନ ସନ୍ଧ୍ୟା ୬.୦୦ଘଟିକାଠାରୁ ସ୍ୱର ସୁଧା ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ଓ ଗୁରୁ ପଣ୍ଡିତ ହରମୋହନ ଖୁଂଟିଆ ପୁରସ୍କାର ବିତରଣ ଉତ୍ସବ ଆୟୋଜନ କରାଯାଉଅଛି । ସ୍ୱର ସୁଧା ଏକ ବାର୍ଷିକ ସଙ୍ଗୀତ ସମାରୋହ ଏହା ପଞ୍ଜୀକୃତ ଅଣ-ଲାଭଜନକ ସଂଗଠନ କଳିଙ୍ଗ କଳା କ୍ଷେତ୍ର ଦ୍ୱାରା ପରିଚ଼ାଳିତ । ଏହି ଅନୁଷ୍ଠାନ ବିଶିଷ୍ଟ ଗୁରୁ ପଣ୍ଡିତ ହରମୋହନ ଖୁଂଟିଆଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା ଏବଂ ଓଡିଶାର ଗର୍ବ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ଅନୁପ୍ରାଣିତ । ଏହା ଗତ ତିନି ଦଶନ୍ଧି ଧରି ଭାରତୀୟ ଶାସ୍ତ୍ରୀୟ ଏବଂ ଓଡିଶୀ ସଙ୍ଗୀତ, କଳା ଓ ସଂସ୍କୃତିର ପ୍ରଚ଼ାର ପ୍ରସାର ଦିଗରେ ନିୟୋଜିତ ଅଛି । ଏହା ଓଡିଶା ତଥା ବାହାରେ ଅନେକ ପ୍ରତିଷ୍ଠିତ ତଥା ଯୁବ କଳାକାରଙ୍କ ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରୁଛି । ଗୁରୁ ପଣ୍ଡିତ ହରମୋହନ ଖୁଂଟିଆ ଅର୍ଦ୍ଧ ଶତାବ୍ଦୀରୁ ଅଧିକ ସମୟ ଧରି ଓଡିଶୀ ଏବଂ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ, କଳା ଏବଂ ସଂସ୍କୃତିରେ ତାଙ୍କର ଉଲ୍ଲେଖନୀୟ ତଥା ଅସାଧାରଣ ଅବଦାନ ପାଇଁ ସଙ୍ଗୀତ ଜଗତରେ ବେଶ୍ ଜଣାଶୁଣା । ତାଙ୍କର କୃତୀକୁ ସ୍ମରଣୀୟ କରିବା ଏବଂ ନୂତନ ପିଢ଼ିକୁ ଉତ୍ସାହିତ କରିବା ପାଇଁ କଳିଙ୍ଗ କଳା କ୍ଷେତ୍ରଗୁରୁ ପଣ୍ଡିତ ହରମୋହନ ଖୁଂଟିଆ ପୁରସ୍କାରପ୍ରତିଷ୍ଠା କରିଛି ।ବିଶିଷ୍ଟ ଓଡିଶୀ କଳାକାରବିଦୁଷୀ ଶ୍ରୀମତୀ ସୁଜାତା ମହାପାତ୍ରଙ୍କୁତାଙ୍କର ଅସାଧାରଣ ଏବଂ ବିଶିଷ୍ଟ ଅବଦାନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଉଅଛି । ପ୍ରସିଦ୍ଧ ଲେଖକ ଓ ସାହିତ୍ୟିକଦାଶ ବେନହୁରଏବଂଶ୍ରୀ ବୈଷ୍ଣବ ଚ଼ରଣ ମହାନ୍ତି , ଜଣାଶୁଣା ଚ଼ଳଚ଼୍ଚିତ୍ର ନିର୍ମାତାଶ୍ରୀମତୀ ବିଯୋତ ପ୍ରଜ୍ଞା ତ୍ରିପାଠୀ, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ (BHU)ର ବିଶିଷ୍ଟ ସଂସ୍କୃତ ବିଦ୍ୱାନପ୍ରଫେସର ଗୋପବନ୍ଧୁ ମିଶ୍ରଏବଂ ଅନ୍ୟାନ୍ୟ ଅନେକ ଏହି କାର୍ଯ୍ୟକ୍ରମରେ ଯୋଗଦେବେ ।ଗୁରୁ ପଣ୍ଡିତ ହରମୋହନ ଖୁଂଟିଆଙ୍କ ଦ୍ୱାରା ଲିଖିତ ଓଡିଶୀ ସଙ୍ଗୀତ ଉପରେ ବହୁ ପ୍ରତୀକ୍ଷିତ ପୁସ୍ତକଓଡିଶା ସଙ୍ଗୀତ ସାରଣୀଏହି କାର୍ଯ୍ୟକ୍ରମ ସମୟରେ ଉନ୍ମୋଚ଼ିତ ହେବ ।ସମାରୋହର ଆବାହକପ୍ରଫେସର ବସନ୍ତ ସାହୁକାର୍ଯ୍ୟକ୍ରମ ବିଷୟରେ ସଂକ୍ଷିପ୍ତ ସୂଚ଼ନା ଦେଇଜଣାଇଛନ୍ତି ଯେ ଏହି ବର୍ଷ କଳିଙ୍ଗ କଳା କ୍ଷେତ୍ରର ସଙ୍ଗୀତ ସମାରୋହସ୍ୱର ସୁଧାଡ.ସ୍ୱର୍ଣ୍ଣ ଖୁଂଟିଆ (ପଦ୍ମ ଭୂଷଣ ଡ. ଏନ୍. ରାଜମ ଜୀଙ୍କ ବରିଷ୍ଠ ଶିଷ୍ୟ ଏବଂ ପ୍ରସିଦ୍ଧ ହିନ୍ଦୁସ୍ତାନୀ ଭାଓଲିନିଷ୍ଟ)ଙ୍କ ସ୍ମୃତିରେ ଆୟୋଜିତ ହୋଇଛି । ଏହି ସଙ୍ଗୀତ ସମାରୋହରେ ଭାରତର କିଛି ଶ୍ରେଷ୍ଠ ସଙ୍ଗୀତଜ୍ଞ ଅଂଶଗ୍ରହଣ କରିବେ, ଯେପରିକି IIT ଦିଲ୍ଲୀର ଉଦୀୟମାନ ଯୁବ ବଂଶୀବାଦକଶ୍ରୀ ଶୁଭକାନ୍ତ ସାହୁ, ଇନ୍ଦୋରରୁ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ବିଜେତାପଣ୍ଡିତ ଗୌତମ କାଲେ ଏବଂ ଦିଲ୍ଲୀର ତବଲା ମାଷ୍ଟ୍ରୋ ପଣ୍ଡିତ ଆଶିଷ ସେନଗୁପ୍ତା । କାର୍ଯ୍ୟକ୍ରମର ସଂଚାଳକ ହେଉଛନ୍ତି ଡ.ମୃତ୍ୟୁଞ୍ଜୟ ରଥ ଏବଂ ଶେଷରେ କଳିଙ୍ଗ କଳା କ୍ଷେତ୍ରର ଆବାହକ ପ୍ରଫେସର ବସନ୍ତ ସାହୁଧନ୍ୟବାଦ ଅର୍ପଣ କରିବେ ।



## ସୋସିଆଲ ମିଡିଆ ଇନଫ୍ଲୁଏନସରଙ୍କ କୋଣାର୍କ ମନ୍ଦିର ପରିଦର୍ଶନ

କୋଣାର୍କ:(ପି ଏ,ନ) : ଆଜି ପୂର୍ବାହ୍ନରେ ୯ ଟି ରାଷ୍ଟ୍ର ର ୧୮ ଜଣ ସୋସିଆଲ ମିଡିଆ ଇନଫ୍ଲୁଏନସର ଓ ସୋସିଆଲ ମିଡିଆ କ୍ରିଏଟର କୋଣାର୍କ ମନ୍ଦିର ପରିଦର୍ଶନ କରିଥିଲେ ।ସୂଚ଼ନା ଓ ଲୋକ ସମ୍ପର୍କ ବିଭାଗ ସହାୟତାରେ ସେମାନେ ଭୁବନେଶ୍ୱର ରୁ ଆସିଥିଲେ ।ନୋଡାଲ ଅଫିସର ଭାବେ ସୂଚ଼ନା ଅଧିକାରୀ ବିନାୟକ ମିଶ୍ର ଓ ସୂର୍ଯ୍ୟ ପ୍ରକାଶ ଜଟି ତାଙ୍କୁ ସହଯୋଗ କରିଥିଲେ ।କୋଣାର୍କ ରେ ସେମାନେ ପହଂଚିବା ପରେ ସୂଚ଼ନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ ତାଙ୍କୁ ସ୍ୱାଗତ କରିଥିଲେ ।ପରେ ଗାଇଡ ଅନିମେଶ ଙ୍କ ତତ୍ୱାବଧାନରେ ଏହି ବିଦେଶୀ ଇନଫ୍ଲୁଏନସର ମାନେ ମନ୍ଦିର ଦେଖିବା ସହ ବିବିଧ ତଥ୍ୟ ପଚ଼ାରି ବୁଝିଥିଲେ ଓ ଫଟୋ ଉଠାଇଥିଲେ ।ମନ୍ଦିର କୁ ଦେଖି ଓ ମନ୍ଦିର ସମ୍ପର୍କରେ ଅବଗତ ହୋଇ ସେମାନେ ଖୁସି ବ୍ୟକ୍ତ କରିଥିଲେ ।ଏହି ଟିମ ରେ ମିଁୟାମାର ରୁ ଥାନ୍ ଟି[, ୟା ମିନ ଥେନ୍ ,ଇଣ୍ଡୋନେସିଆ ରୁ ପାନ୍ଧୁ ୱାସକିଆ,ରଫି ଫଦିଲାହା ରିଜକୁଲ୍ଲା, ଜାପାନ ରୁ ତାକୁରା କାକେଫୁଦା,ସାରି ଟିସୁକା,ୟୋକୋ ନୋଗାମୀ, ମାଙ୍ଗୋଲିଆରୁ ଏନଖବୁଲଗାନ ଏନଖାବତର,ଖାନକୁ ଜରଗଲବାୟାର, ସିଙ୍ଗାପୁର ରୁ ମେଲଭିନ ଟିସେଙ୍ଗ, ହୁକେଲନାଥାନିଏଲ ଅବଦୁଲ୍ଲା, ମାଲେସିଆ ରୁ ମହମ୍ମଦ ଆଫିଗ ବିନ ଆବାଦ ରହିମ,ନୁରୁଲା ଅତିଗ ବିନ୍ତି ରସିଦ,ସାଉଥ କୋରିଆ ରୁ ମିଁୟୁଁଘାନ ପାର୍କ,ସାଘ୍ମାନ ଚୋ,ଶ୍ରୀଲଙ୍କା ରୁ ୱାଇ ଦିନେଶ ଆସିରି ପାଥୁମ ପେୟିରିସ, ୱିଜିକୋନ ମୁଦିଆନ ସେଲଜ ଶ୍ରୀଆହ୍ଣା ଇଣ୍ଡୁଲି ୱାଇଜେକୋନ ଓ ଥାଇଲାଣ୍ଡ ରୁ ପାଟାମୋନ କାନଜନପୁନ ସାମିଲ ହୋଇଥିଲେ ।ପରେ ସେମାନେ ଭୁବନେଶ୍ୱର ଫେରି ଫେରି ଯାଇଥିଲେ ।



## ଅନନ୍ୟ ସେବାର ବ୍ରତୀ ସାଜିଛନ୍ତି ଶୁଭସ୍ମିତା

ଖୋର୍ଦ୍ଧା,(ପିଏନ): ଦିନ ଥିଲା ପୁରୁଷ କୈନ୍ଦ୍ରିକ ସମାଜରେ ମହିଳା ମାନେ କେବଳ ଗୃହ ଭିତରେ ରହି ରନ୍ଧନ, ପିଲା ମାନଙ୍କ ଲାଳନ ପାଳନ ଓ ପିତା ମାତାଙ୍କ ସେବା କାର୍ଯ୍ୟ ବ୍ୟତୀତ ଅନ୍ୟ କୌଣସିଥିରେ ଅଂଶ ଗ୍ରହଣ କରି ପାରୁ ନ ଥିଲେ । ବର୍ତ୍ତମାନ ସମୟରେ ଯୁଗ ବଦଳି ଥିବାରୁ ମହିଳା ମାନେ ସମାଜସେବା କ୍ଷେତ୍ର ହେଉ ଅବା ଆତ୍ମ ନିର୍ଭରଶୀଳ ହେବା ପାଇଁ ମହିଳା ଉଦ୍ୟୋଗ ପ୍ରତିଷ୍ଠା କରି ଶତାଧିକ ମହିଳା ମାନଙ୍କୁ ରୋଜଗାରକ୍ଷମ କରିବା ପାଇଁ ଅଂଟା ଭିଡ଼ି ବାହାରିଛନ୍ତି ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବ୍ଲକ ଅନ୍ତର୍ଗତ ସାଗୁରଗାଁ ପଂଚାୟତ ବେଣାଗାଡିଆ ଗ୍ରାମର ସମାଜସେବୀ ମନୋଜ କୁମାର ଜେନାଙ୍କ ପତ୍ନୀ ଶୁଭସ୍ମିତା ମାନ୍ଧାତା । ତେବେ ଭାଇ ଶାନ୍ତନୁ କୁମାର ମାନ୍ଧାତାଙ୍କ ପ୍ରେରଣାରେ ଶୁଭସ୍ମିତା ଅନନ୍ୟ ସେବାରେ ବ୍ରତୀ ହୋଇ ପରିପଣିତା ଓମେନ ଏମ୍ପୱାରମେଂଟ ଫାଉଣ୍ଡେସନ ନାମରେ ଟ୍ରଷ୍ଟ ଗଠନ କରି ଅସହାୟ ବୃଦ୍ଧ ବୃଦ୍ଧା ମାନଙ୍କୁ କମ୍ବଳ ବଂଟନ ଓ ଶିଶୁ ମାନଙ୍କୁ ମିଷ୍ଟାନ୍ନ ବଂଟନ ଆଦି ସାମାଜିକ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ଏପରିକି ମହିଳା ମାନଙ୍କୁ ରୋଜଗାରକ୍ଷମ୍ କରିବା ପାଇଁ ବଡି,ରାଶି ଲଡୁ,ପାମ୍ପଡ, ହଳଦୀ ଓ ଆଚ଼ାର ପ୍ରସ୍ତୁତ କରି ବିଭିନ୍ନ ମେଳା କିମ୍ବା ପ୍ରଦର୍ଶନୀରେ ବିକ୍ରୟ କରିଥାନ୍ତି । ଏଭଳି ବହୁମୁଖି ପ୍ରତିଭା ସମ୍ପନ୍ନ କାର୍ଯ୍ୟ କରୁଥିବା ଶୁଭସ୍ମିତା ସ୍ଥାନୀୟ ଅଂଚଳରେ ସମେତ ବହୁ ସ୍ଥାନରେ ଉଚ୍ଚ ପ୍ରଂଶସିତ ହୋଇ ପାରିଛନ୍ତି ।



## ରାମକୃଷ୍ଣ ସ୍ମୃତି ପରିଷଦ ତରଫରୁ 'ମୋ ପରିବାର-ସମର୍ଥ ପରିବାର' ଆଲୋଚନାଚକ୍ର

ଭୁବନେଶ୍ୱର,(ପି.ଏନ):ରାମକୃଷ୍ଣ ସ୍ମୃତି ପରିଷଦ ତରଫରୁ ଜୟଦେବ ଭବନ, ଭୁବନେଶ୍ୱର ଠାରେ 'ମୋ ପରିବାର-ସମର୍ଥ ପରିବାର' ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ 'ରାଷ୍ଟ୍ରଦୀପ'ର ପୂର୍ବତନ ସମ୍ପାଦକ ତଥା ସୁସାହିତ୍ୟିକ ଶ୍ରୀଯୁକ୍ତ ଜଗବନ୍ଧୁ ମିଶ୍ର ମୁଖ୍ୟାତିଥି ଓ ଅଖିଳ ଭାରତୀୟ କୁଟୁମ୍ବ ପ୍ରବୋଧନ ପ୍ରମୁଖ ପ୍ରାକ୍ତନ ପ୍ରାଧ୍ୟାପକ ଶ୍ରୀଯୁକ୍ତ ରବୀନ୍ଦ୍ର ଜୋଶୀ ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ । କୁଟୁମ୍ବ ପ୍ରବୋଧନ ମାଧ୍ୟମରେ ପରିବାରକୁ ଭାରତୀୟ ସଂସ୍କୃତି, ସଂସ୍କାର ଏବଂ ଦେଶପ୍ରେମର ମୂଲ୍ୟବୋଧ ବିଷୟରେ ସଚେତନ ଏବଂ ସଶକ୍ତ କରିବା, ଯାହା ଦ୍ୱାରା ପରିବାର ଏକ ଶକ୍ତିଶାଳୀ ଏକକ ହୋଇ ସମାଜ ଏବଂ ରାଷ୍ଟ୍ରର ଉନ୍ନତିରେ ଯୋଗଦାନ ଦେଇପାରିବ । ଏହା ପରିବାରର ସଦସ୍ୟମାନଙ୍କ ମଧ୍ୟରେ ପାରସ୍ପରିକ ବନ୍ଧନ, ନିଜ ପରମ୍ପରାର ପାଳନ ଏବଂ ସମାଜ ପ୍ରତି ଦାୟିତ୍ୱବୋଧ ବିକଶିତ କରି, ଭଜନ, ଭୋଜନ, ଭବନ, ଭାଷା, ଭୁଷା ଏବଂ ଭ୍ରମଣ ଭଳି ମାଧ୍ୟମ ବ୍ୟବହାର କରି 'ବସୁଧୈବ କୁଟୁମ୍ବକମ୍' (ସମଗ୍ର ପୃଥିବୀ ଗୋଟିଏ ପରିବାର) ଆଦର୍ଶକୁ ସାକାର କରିବାର ଏକ ପ୍ରୟାସ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ସ୍ୱର୍ଗତ ସଂସ୍କୃତିତୀର୍ଥ ପଣ୍ଡିତ ରାମକୃଷ୍ଣ ମହାପାତ୍ରଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ କାର୍ଯ୍ୟକ୍ରମ ଅବସରରେ ତାଙ୍କର ଆତ୍ମଜୀବନୀ 'ପହିଲି ମାଘ' ପୁସ୍ତକର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପରିଷଦର ଅଧ୍ୟକ୍ଷ ଡ.ଗୋପାଳ ପ୍ରସାଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଙ୍ଗୀତ ପାଇଁ ସଙ୍ଗୀତଜ୍ଞ ଓ ଓଡିଶୀ ସଙ୍ଗୀତ ଗବେଷକ ଡ.କୀର୍ତ୍ତନନାରାୟଣ ପାଢୀ ଏବଂ ସାହିତ୍ୟ ପାଇଁ ସାହିତ୍ୟିକ ଅଧାପକ ଡ.ନିରୋଦ କୁମାର ମନ୍ତ୍ରୀଙ୍କୁ ରାମକୃଷ୍ଣ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ଉଦ୍‌ଘୋଷକ ମୃତ୍ୟୁଞ୍ଜ ରଥ କାର୍ଯ୍ୟକ୍ରମରେ ସଂଯୋଜନା କରିଥିବା ବେଳେ ପରିଷଦର ସମ୍ପାଦକ ତପନ କୁମାର ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ ।



## ଅନାଥ ଆଶ୍ରମର ଅନ୍ତେବାସୀଙ୍କୁ ସହଯୋଗର ହାତ ବଢ଼ାଇଲେ ପ୍ରଶାସନିକ ଅଧିକାରୀ

ପାରଳାଖେମୁଣ୍ଡି,(ପି.ଏନ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଥିବା ନବଜୀବନ ଅନାଥ ଓ ବୃଦ୍ଧାଶ୍ରମରେ ରହି ଶିକ୍ଷାଲାଭ କରୁଥିବା ନବେରୁ ଉର୍ଦ୍ଧ୍ୱ ବାଳିକାମାନଙ୍କ ଉଚ୍ଚ଼ ଶିକ୍ଷାକୁ ନଜରରେ ରଖି ଗାୟତ୍ରୀ ଶକ୍ତିପୀଠର ସମାଜସେବୀ ସନ୍ତୋଷ ଗନ୍ତାୟତଙ୍କ ଉପସ୍ଥିତିରେ ସ୍ଥାନୀୟ ଗାୟତ୍ରୀ ମନ୍ଦିର ପରିସରରେ ଜିଲ୍ଲା ଖଣି ଅଧିକାରୀ ଦିପେନ ପରିଡ଼ା ଓ ଜିଲ୍ଲା ଅଦାଲତର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ରଙ୍କ ଦ୍ୱାରା ଛାତ୍ରୀଙ୍କ ଉଚ୍ଚ଼ଶିକ୍ଷା ନିମନ୍ତେ କମ୍ପ୍ୟୁଟର ପ୍ରଦାନ କରାଯାଇଛି । ସୂଚ଼ନାଯୋଗ୍ୟ, ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ପାରଳାଖେମୁଣ୍ଡି ପୌର ପାଳିକାର ଅଧକ୍ଷା ନିର୍ମଳା ସେଠୀଙ୍କ ଉପସ୍ଥିତିରେ ଏକ ସଂସ୍କାରମୂଳକ ଯଜ୍ଞାନୁଷ୍ଠାନ କରାଯାଇଥିଲା । ପରେ ଉତମ ଚ଼ରିତ୍ର ଗଠନ ନିମନ୍ତେ ତଥା ମୋବାଇଲ ଓ କମ୍ପ୍ୟୁଟର ଦୁରୂପଯୋଗ ଉପରେ ଉପସ୍ଥିତ ଛାତ୍ରୀମାନଙ୍କ ସହ ବିଷଦ ଆଲୋଚ଼ନା କରାଯାଇଥିଲା । ପରେ ଉପରୋକ୍ତ ଦୁଇ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ପୁରୀ ଜିଲ୍ଲାର ନିମାପଡ଼ାସ୍ଥିତ ମେଟ୍ ଗ୍ରୁପ୍ ? ସହଯୋଗରେ କମ୍ପ୍ୟୁଟର ପ୍ରଦାନ କରାଯାଇଥିଲା ।

## ପାରାଦୀପରେ ବାପି ସାର୍‌ଖେଲଙ୍କ ଦାମବାବୁଙ୍କ ଜୟନ୍ତୀ ପାଳନ ସଇତାନର ବେଦ ପାଠ ସଦୃଶ : ବିଜେଡିରେ ଅସ୍ତିତ୍ୱ ଜାହିର ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ

ପାରାଦୀପ,(ପି.ଏନ): ଗତ ସାଧାରଣ ନିର୍ବାଚ଼ନ ପରେ ଦୁଇଫାଳ ହୋଇଥିବା ପାରାଦୀପ ନଗର ବିଜେଡି ଯୋଡ଼ି ହେବା ପରିବର୍ତ୍ତ ? ଦୂରତ୍ୱ ବଢ଼ି ଚ଼ାଲିଥିବା ଦେଖିବାକୁ ମିଳୁଛି ।ଗୋଟିଏ ପଟେ ପାରାଦୀପ ନଗର ବିଜେଡି ସଭାପତି ତଥା ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ଦୃଢ଼ ନେତୃତ୍ୱ ପଛରେ ପୌର ପରିଷଦର ସିଂହ ଭାଗ ପାରିଷଦଙ୍କ ସମେତ ଦଳୀୟ ନେତା ଓ କର୍ମୀ ମାନେ ଯୋଡ଼ି ହୋଇ ରହିଥିବା ବେଳେ ଅପର ପଟେ ହାତଗଣତି କିଛି କର୍ମୀଙ୍କ ସହିତ ବିଜେପିରୁ ବହିଷ୍କୃତ ଦୁଇ ତିନି ଜଣ ଅଛନ୍ତି । ସୂଚ଼ନା ଥାଉକି, ପୌରାଧକ୍ଷ ଶ୍ରୀ ବିଶ୍ୱାଳଙ୍କ ଦ୍ୱାରା ସମୁଦ୍ର ବେଳାଭୂମିରେ ବିଜୁ ମିନାର ସ୍ଥାପନ ସହିତ ବେଳାଭୂମିର ସୋନ୍ଦର୍ଯ୍ୟୀକରଣ,ପୌରାଂଚଳରେ ଉତ୍କଳ ଗୌରବ ମଧୁସୁଦନ ଦାସ ଓ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପିତ ହେବା ସମ୍ଭବ ହୋଇ ପାରିଛି । ସେହିପରି ପୌରାଧକ୍ଷ ଙ୍କ ଅନୁରୋଧ କ୍ରମେ ପାରାଦୀପ ବନ୍ଦରର ପ୍ରବେଶ ପଥ ଅଠରବାଙ୍କୀ ସ୍ଥିତ ବିଜୁ ପାର୍କର ନବୀକରଣ କାର୍ଯ୍ୟ ବନ୍ଦର କର୍ତୃପକ୍ଷଙ୍କ ଦ୍ୱାରା ଜାରି ରହିଛି । ତେବେ ରାଜନୀତିରେ ନିଜର ଅସ୍ତିତ୍ୱ ଜାହିର କରିବା ପାଇଁ ଧସେଇ ପଶିଥିବା ଜାତୀୟ କଂଗ୍ରେସରେ ଏକାଧିକ ଥର ପ୍ରାର୍ଥୀ ହୋଇ ମାଟି କାମୁଡିବା ପରେ ନିଜର ଅପରାଧିକ,ଅସାମାଜିକ କାର୍ଯ୍ୟ ପାଇଁ ବିଜେଡି ଓ ବିଜେପି ରେ ସାମିଲ ହେବାକୁ ଶତ ଚେଷ୍ଟା କରି ବିଫଳ ହୋଇଥିଲେ ସର୍କେଲ ।ସେହିଭଳି ଗତ ପୌର ନିର୍ବାଚ଼ନରେ ଜାତୀୟ କଂଗ୍ରେସର ଦୟନୀୟ ସ୍ଥିତିକୁ ଦେଖି ବିଜେଡି ଓ ବିଜେପିରେ ଲାଗି ରହିଥିବା ଗୋଷ୍ଠି କନ୍ଦଳରୁ ମୁନାଫା ଉଠାଇବା ଲକ୍ଷ୍ୟରେ ଆମ ପାରାଦୀପ ଆମ ପ୍ରଗତି ନାମକ ଗଢିଥିବା ନୂତନ ସଂଗଠନ ପକ୍ଷରୁ ବିଜେଡି ଓ ବିଜେପିର ଅସନ୍ତୁଷ୍ଟ ମାନଙ୍କୁ ପାରିଷଦ ପ୍ରାର୍ଥୀ କରି, ପୌର ନିର୍ବାଚ଼ନରେ ସର୍ବାଧିକ ୯ ଜଣ ପାରିଷଦ ଆମ ପାରାଦୀପ ଆମ ପ୍ରଗତି ବ୍ୟାନରରେ ପାରିଷଦ ବିଜୟୀ ହୋଇଥିଲେ ହେଁ ବିଜୟୀ ହେବାର ମାସ କେଇଟା ନ ପୁରୁଣୁ ମାତ୍ର ଦୁଇ ତିନି ଜଣଙ୍କୁ ଛାଡି ଅନ୍ୟ ପାରିଷଦ ମାନେ ବାପି ସାର୍‌ଖେଲଙ୍କ ହାତ ଛାଡ଼ି ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ସହିତ ହାତ ମିଳାଇଥିବା ଦେଖିବାକୁ ମିଳୁଛି । ନିଜର କଳା କର୍ମ ପାଇଁ କଂଗ୍ରେସ ନେତା ତାଲିକାରୁ ବାଦ୍ ପଡିବା ଫଳରେ ରାଜନୀତିରେ ନିଜର ଅସ୍ତିତ୍ୱ ରକ୍ଷା କରିବା ପାଇଁ ବିଜେଡି ଓ ବିଜେପି ଦଳରେ ସାମିଲ ହେବା ପାଇଁ ସତଚେଷ୍ଟା କରି ନିରାଶ ହେବା ପରେ ବିଜେଡିର ନିର୍ଦ୍ଧିଷ୍ଟ ଏକ କୋଟରି ଗୋଷ୍ଠୀ ଙ୍କୁ ମୋଟା ଅଙ୍କରେ ବଶୀଭୂତ କରି ନିଜ ର ଅପରାଧିକ ରେକର୍ଡ ଯୋଗୁ ଧର୍ମପତ୍ନୀଙ୍କ ଜରିଆରେ ନାକ କୁ ବୁଲେଇ ଛୁଇବା ଭଳି ବିଜେଡି ନେତା ଭାବେ ନିଜର ଅସ୍ତିତ୍ୱ ଜାହିର କରିବା ପାଇଁ ପ୍ରାଣ ମୂର୍ଚ୍ଛା ଉଦ୍ୟମ କରୁଛନ୍ତି । ତେବେ ବିରାଡ଼ି କପାଳକୁ ସିକା ଛିଡ଼ିବା ଭଳି ଗତ ସାଧାରଣ ନିର୍ବାଚ଼ନରେ ବିଜେଡି ହାତରୁ ବିଜେପି କ୍ଷମତା ଛଡେଇ ନେବା ଫଳରେ ବାପି ସାର୍‌ଖେଲଙ୍କ ଅକଲ ଗୁଡୁମ୍ ହୋଇ ଯାଇଛି । ବିଜେଡି ମାଟି କାମୁଡିବା ପରେ ରାଜ୍ୟରେ କ୍ଷମତାସୀନ ବିଜେପି ଦଳରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ସଭାପତି ମନ ମୋହନ ସାମଲଙ୍କ ଭିତରେ ଲାଗି ରହିଥିବା ଶୀତଳ ଯୁଦ୍ଧ ଭିତରେ ବିଜେପିରେ ଧସେଇ ପଶିବା ପାଇଁ ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହିତ ଭିତିରି ଯୋଗସୂତ୍ର ଜାରି ରଖିଥିବା ଜାଣିବା ପରେ ପାରାଦୀପ ବିଧାୟକ ତଥା ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ମଧ୍ୟ ବାପି ସାର୍‌ଖେଲଙ୍କ ବାଟ ଓଗାଳିବାରେ ବେଶ୍ ତତ୍ପର ହୋଇ ପଡ଼ିଥିବା ଏକ ନିର୍ଭର ଯୋଗ୍ୟ ସୂତ୍ରରୁ ସୂଚ଼ନା ମିଳିଛି । ଚ଼ାରିଆଡୁ ହତାଶ ହେବା ପରେ ରାଜନୀତିରେ ତିଷ୍ଠି ରହିବା ପାଇଁ ଶେଷରେ ପାରାଦୀପ ନଗର ବିଜେଡିରେ ଅସ୍ତିତ୍ୱ ଜାହିର କରିବା ପାଇଁ ଦଳର ନଗର ସଭାପତି ତଥା ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କୁ ବିଭିନ୍ନ କ୍ଷେତ୍ରରେ ବିରୋଧ କରି ନିଜକୁ ପାରାଦୀପ ବିଜେଡି ନେତା ଭାବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା କୌଶଳ ଆପଣେଇଛନ୍ତି । ଡାକ୍ତର ଦାମୋଦର ରାଉତଙ୍କ ଜନ୍ମ ଦିନ ପାଳନ କରିବା ଆଳରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ରଙ୍ଗ ବୋଳିବାକୁ ନେଇ ବିଭିନ୍ନ ମହଲରେ ଆଲୋଚ଼ନା ହେଉଛି । ଅତୀତରେ ବିଜୁ ବାବୁଙ୍କ ଆଦର୍ଶ ଓ ଦାମ ବାବୁଙ୍କ ନେତୃତ୍ୱକୁ ସମ୍ପୂର୍ଣ୍ଣ ବିରୋଧ, ଅପମାନିତ ଓ ନିନ୍ଦିତ କରି ଆସିଥିବା ବାପି ସର୍‌ଖେଲ ସାଂପ୍ରତିକ ରାଜନୈତିକ ଦୃଶ୍ୟପଟରେ ବହୁ ରୁପି ଏଣ୍ଡୁଅ ରଙ୍ଗ ପରିବର୍ତ୍ତନ କଲା ଭଳି ବିଜେଡିରେ ନିଜର ରାଜନୈତିକ ଅସ୍ତିତ୍ୱ ବଂ?ଇ ରଖିବା ପାଇଁ ଜଳାନ୍ତକ ରୋଗୀଙ୍କ ଭୂମିକା ନିଭାଉ ଥିବା ବୁଦ୍ଧିଜୀବୀ ମହଲରେ ଚ଼ର୍ଚ୍ଚା ହେବାରେ ଲାଗିଛି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray